ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ମାର୍ଚ୍ଚ ୨୦/୨୦୧୯ Rayagada, Wednesday, March 20 / 2019

# ରାଜଭୋଗ ଖାଇ ଫେରିଲେ ତିନି ଠାକୁର

ମାଲକାନଗିରି,୧୯।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ପ୍ରସିଦ୍ଧ ଗଣପର୍ବ ବଡ଼ଯାତ୍ରା ମଙ୍ଗଳବାର ମଧ୍ୟରାତ୍ରରେ ଶେଷ ହୋଇଛି। ରାଜଭୋଗ ପାଇ ତିନିଠାକୁର ଓ ମୁତ୍ୟାଲୁମ୍ମା ମାନ୍ୟମକୋଣ୍ଡା ଫେରି ଯାଇଛନ୍ତି। କିମ୍ବଦନ୍ତୀ ଅନୁଯାୟୀ ଲକ୍ଷେ ରାଜା ବନ୍ଦୀ କରିଥିବା ଜରାସନ୍ଧକୁ ବଧ କରିବା ପରେ ମୁତ୍ୟାଲୁମାଙ୍କ ପାଇଁ ଉଦ୍ଦିଷ୍ଟ ବଳିକୁ ନେଇ ମୁତ୍ୟାଲୁମ୍ମା କ୍ରୋଧିତ ହୋଇଥିଲେ। ପରେ ଶ୍ରୀକୃଷ୍ଣ ମା'ଙ୍କୁ ଲକ୍ଷେ ପଶୁବଳି ଦେବାପାଇଁ ମନାଇଥିଲେ। ମାଲକାନଗିରି ସହରସ୍ଥିତ ମାଉଳି ମା' ମନ୍ଦିରରେ ଲକ୍ଷେ ପଶୁ ବଳି ପରେ ସୁକୁମା ରାଜ ପରିବାର ଠାକୁରଙ୍କୁ ସୁକୁମା ଯିବାପାଇଁ ଆମନ୍ତ୍ରଣ କରିଥିଲେ। ତେବେ ନିଜର ମନସ୍କାମନା ପୂରଣ ହୋଇଥିବାରୁ ମା'ସୁକୁମା ନ ଯାଇ ରାଜାଙ୍କ ଶେଷ ଭୋଗ ଖାଇ ମାନ୍ୟମକୋଣ୍ଡା ଫେରି ଯାଇଥିଲେ।

**ସରିଲା ବଡ଼ଯାତ୍ରା**

- ଠାକୁରଙ୍କୁ ସୁକୁମା ଯିବାପାଇଁ ଆମନ୍ତ୍ରଣ
- ଲାଠି, ପେଦା ପୂଜାରୀଙ୍କ ଯୋଗଦାନ
- ମାଉଲି ମା' ମନ୍ଦିରରେ ପୂଜାର୍ଚ୍ଚନା
- ବିଭିନ୍ନ ଅନୁଷ୍ଠାନ ଦେଲେ ଖାଦ୍ୟ, ପାନୀୟ



ମଙ୍ଗଳବାର ଯାତ୍ରାର ଅନ୍ତିମ ଦିବସରେ ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ତିନି ଠାକୁର ଶ୍ରୀ କାନାମରାଜ, ଶ୍ରୀବାଲରାଜ, ଶ୍ରୀପୋତରାଜ ଓ ଦେବୀ ମୁତ୍ୟାଲୁମ୍ମା ସୋମବାର ସକାଳେ ମାଲକାନଗିରିସ୍ଥିତ ମାଉଲି ମା' ମନ୍ଦିରଠାରେ ପହଞ୍ଚିବା ପରେ ସୋମବାର ଓ ମଙ୍ଗଳବାର ଦୁଇଦିନ ବ୍ୟାପୀ ପୂଜା ପାଇଥିଲେ। ସ୍ୱତନ୍ତ୍ର ରୀତିନୀତି ସହ ବଳିପୂଜା ହୋଇଥିଲା। ଆଦିବାସୀ କୋୟା ପରମ୍ପରା ନୀତି ଅନୁଯାୟୀ ମହାଭାରତର ଭୀମ, ଅର୍ଜୁନ ଓ ଶ୍ରୀକୃଷ୍ଣ ଏବଂ ଦେବୀ ମୁତ୍ୟାଲୁମ୍ମାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଲାଠି ଓ ପେଦା ପୂଜାରୀ ମଧ୍ୟ ଯୋଗ ଦେଇଥିଲେ। ସୁକୁମା ରାଜା ପହଞ୍ଚି ସ୍ୱତନ୍ତ୍ର ରାଜଭୋଗ ଦେବୀ ମୁତ୍ୟାଲାମ୍ମାଙ୍କୁ ଅର୍ପଣ କରିବା ପରେ ମଧ୍ୟରାତ୍ରରେ ଠାକୁର ମାନ୍ୟମକୋଣ୍ଡା ବିଜେ କରିଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ପ୍ରାଥମିକ ଚିକିତ୍ସା, ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଯାତ୍ରା ଅବସରରେ ମୀନା ବଜାର ପଡିଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ଯୁବ ମଞ୍ଚ, ସମାନୀ ବ୍ରଦର୍ସ, ବେଙ୍ଗଲି ଯୁବ ମୋର୍ଚ୍ଚା, ଆଳୁ ଓ ଚାଉଳ ବ୍ୟବସାୟୀଙ୍କ ପକ୍ଷରୁ ମଧ୍ୟ ଅନ୍ନପ୍ରସାଦ ଓ ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଥିଲା।

## ■ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା
## ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟକୁ ସଫଳତା

ମାଲକାନଗିରି,୧୯।୩ (ଡି.ଏନ୍.ଏ.)

ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା-୨୦୧୮ର ଫଳାଫଳ ପ୍ରକାଶ ପାଇଛି। ଏଥିରେ ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଛି। ଗଣଶିକ୍ଷା ବିଭାଗ ଚଳିତ ବର୍ଷ ପ୍ରଥମଥର ପାଇଁ ଅଷ୍ଟମ ପାସ୍ କରି ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେଇପାରିବେ ବୋଲି ଧାର୍ଯ୍ୟ କରିଥିଲେ। ଜିଲାର ୭ଟି ବ୍ଲକରୁ ୧୬୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଗତ ୧୪।୩।୧୯ରେ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ମାଲକାନଗିରି ବ୍ଲକ ଓ ମାଲକାନଗିରି ପୌର ପରିଷଦ ପାଇଁ ଫଳାଫଳ ପ୍ରକାଶ ପାଇଥିଲା। ଯୋଗ୍ୟ ବିବେଚିତ ହୋଇଥିବା ୧୦ଜଣଙ୍କ ମଧ୍ୟରୁ ୮ଜଣ ଏମଭି-୭ସ୍ଥିତ ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟର ବୋଲି ଜଣାପଡିଛି। ଏଥିସହ ଜିଲାରେ ୩ଜଣ ଛାତ୍ର ପ୍ରଥମ,୨ୟ ଓ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେମାନେ ହେଲେ ଯଥାକ୍ରମେ ଶିଳ୍ପୀ ବୈରାଗୀ, ରାକେଶ ହାଲଦାର ଓ ଆକାଶ କୀର୍ତ୍ତନିଆ। ଏତଦ୍ ବ୍ୟତୀତ ଯୋଗେଶ୍ ଭୂମିଆ, ଶ୍ରାବଣୀ ମଣ୍ଡଳ, ମନତୋଷ ହାଲଦାର, ମିନତି ଖିଲଙ୍କ ସହ ଅନ୍ୟ ଜଣେ ସଫଳତା ପାଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

## କଂଗ୍ରେସ ପ୍ରାର୍ଥୀ ଘୋଷଣା
## ଚିତ୍ରକୋଣ୍ଡା ପାଇଁ ଲକ୍ଷ୍ମୀପ୍ରିୟା ନାୟକ ଲଢ଼ିବେ ନିର୍ବାଚନ

ମାଲକାନଗିରି,୧୯।୩ (ଡି.ଏନ୍.ଏ.): ମାଲକାନଗିରି ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଚଳିତ ଥର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ଟିକେଟ ଦେଇଛି। ପୂର୍ବରୁ ଏହି ନିର୍ବାଚନ ମଣ୍ଡଳୀରେ ମମତା ମାଢ଼ି ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ପୁନର୍ବାର ଏଠାରେ କଂଗ୍ରେସ ମହିଳାଙ୍କୁ ଅଗ୍ରାଧିକାର ଦେଇଛି। ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଟିକେଟ୍ ଦେଇଛି। ଲକ୍ଷ୍ମୀପ୍ରିୟା ବର୍ତ୍ତମାନ ମାଥିଲି ବ୍ଲକ ଅଧକ୍ଷ ଅଛନ୍ତି। ତେବେ ବାଲାରାଜୁ କପେଙ୍କୁ ଗୋଟିଏ ଗୋଷ୍ଠୀ ଟିକେଟ ଦେବାପାଇଁ ଦାବି କରୁଥିଲେ। ସମାଜସେବୀ ତଥା ବରିଷ୍ଠ କଂଗ୍ରେସ ନେତା ସ୍ମୃତିରଞ୍ଜନ କପେଙ୍କ ପାଇଁ ଟିକେଟ ଦାବି କରି ସେ ଲକ୍ଷ୍ମୀପ୍ରିୟାଙ୍କୁ ବିରୋଧ କରୁଥିଲେ। ଏ ସମ୍ପର୍କରେ ସ୍ମୃତିରଞ୍ଜନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଦଳୀୟ କର୍ମୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ମୁଁ ଆଗାମୀ ପଦକ୍ଷେପ ନେବି। ଅନ୍ୟପକ୍ଷରେ ସୋମବାର ବିଜେଡି ଟିକେଟ ପାଇଥିବା ପୂର୍ଣ୍ଣଚନ୍ଦ୍ର ବାକାଙ୍କ ନିଜ ଝିଆରୀ ହେଉଛନ୍ତି ଲକ୍ଷ୍ମୀପ୍ରିୟା। ଏଠାରେ ଦାଦା ଝିଆରୀଙ୍କ ମଧ୍ୟରେ ଲଢେଇ ହେବ । ବର୍ତ୍ତମାନ ସ୍ଥିତିରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ତାଲିକା ଘୋଷଣା କରିନାହିଁ। ପ୍ରହ୍ଲାଦ ଦୋରା ଓ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ଝିଅ ଶାନ୍ତିଲତା ବାକା ଏବଂ ସୁବାସ ପଡିଆମି ଟିକେଟ୍ ଆଶାୟୀ ଅଛନ୍ତି।

## ମାନସ, ମୁକୁନ୍ଦଙ୍କୁ ନେଇ ବେଙ୍ଗଲୀ ସମ୍ପ୍ରଦାୟ ଦୁଇଭାଗ

**ବେଙ୍ଗଲୀ ସମାଜ ରାଜନୈତିକ ଦଳ ନୁହେଁ**

ମାଲକାନଗିରି,୧୯।୩ (ଡି.ଏନ୍.ଏ.)

ମାଲକାନଗିରି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ଟିକେଟ ଘୋଷଣା ଯେତେ ଡେରି ହେଉଛି ଦଳ ମଧ୍ୟରେ ଉଷ୍ମତା ସେତେ ବଢିବାରେ ଲାଗିଛି। ମାନସଙ୍କ ସମର୍ଥକ ଓ ମୁକୁନ୍ଦଙ୍କ ସମର୍ଥକଙ୍କ ମଧ୍ୟରେ ବାଦବିବାଦ ଜାରି ରହିଛି। ସୋମବାର ମାଲକାନଗିରିରେ ଏକ ବେଙ୍ଗଲି ସମ୍ପ୍ରଦାୟ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କୁ ସମାଲୋଚନା କରାଯାଇଥିଲା। ରାଜନୈତିକ ଅଭିସନ୍ଧି ରଖି ଢାଲି ମୁକୁନ୍ଦ ସୋଡିଙ୍କୁ ମାଲକାନଗିରି ନିର୍ବାଚନ ମଣ୍ଡଳୀ ପାଇଁ ଟିକେଟ ଦେବାକୁ ଲବି କରୁଥିବା ବେଙ୍ଗଲି ସମ୍ପ୍ରଦାୟ ଅଭିଯୋଗ କରିଛି। କେତେକ ବେଙ୍ଗଲି ସମ୍ପ୍ରଦାୟ ବ୍ୟକ୍ତି ଆମେ ମାନସ ମାଡକାମିଙ୍କ ସପକ୍ଷରେ ଅଛୁ ବୋଲି ପ୍ରକାଶ କରିଛନ୍ତି। ଅରବିନ୍ଦ ଢାଲି ମୁର୍ଦ୍ଦାବାଦ ସମ୍ପର୍କିତ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଛି। ତେବେ ମାନସଙ୍କ ସମର୍ଥକମାନେ ଏଭଳି କରିଥିବା ମଙ୍ଗଳବାର ମାଲକାନଗିରି ଜିଲା ଅସ୍ଥାୟୀ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ଶତାଧିକ ବେଙ୍ଗଲି ସମ୍ପ୍ରଦାୟର ଲୋକେ କହିଛନ୍ତି। ସେମାନେ ମୁକୁନ୍ଦ ସୋଡି ଓ ଅରବିନ୍ଦ ଢାଲିଙ୍କ ସପକ୍ଷରେ ନାରାବାଜି ଦେଇଥିଲେ। ଏହି ସମର୍ଥକମାନେ କହିଛନ୍ତି ଯେ, ମାଲକାନଗିରିରେ ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ଆଗାମୀ ଦିନରେ ବିଜେଡି ଏଠାରେ ବିଜୟୀ ହେବ। ମୁକୁନ୍ଦ ସୋଡି ଆମର ପ୍ରାର୍ଥୀ। ଅନ୍ୟପକ୍ଷରେ ମଙ୍ଗଳବାର ମାଲକାନଗିରି ବେଙ୍ଗଲି ସମାଜ ପ୍ରବକ୍ତା ସଞ୍ଜୟ ସରକାର କହିଛନ୍ତି ଯେ, ମାଲକାନଗିରି ବେଙ୍ଗଲି ସମାଜ କୌଣସି ରାଜନୈତିକ ଦଳ ନୁହେଁ। ବେଙ୍ଗଲି ସମାଜକୁ ନେଇ କେହି ରାଜନୀତି କରିବା ଉଚିତ ନୁହେଁ । ତେବେ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ନାମ ଘୋଷଣା ପରେ ସେଠାରେ ଟିକେଟ୍ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାଲକାନଗିରି ବିଧାନସଭା ନିର୍ବାଚନ ଟିକେଟ ଘୋଷଣା ପରେ ବିଜେଡିର ଦୁଇଦଳ ମଧ୍ୟରେ ଲାଗି ରହିଥିବା ଛକାପଞ୍ଝା ନିର୍ବାଚନ ପ୍ରଚାର ସମୟରେ କିପରି ପ୍ରଭାବିତ ହେବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

